# Akashvani, Sambalpur

## SAMBALPURI NEWS EVENING BULLETIN

## 19 February 2025- 7.02 pm- 7.12 pm.

*********************************************

୧- ବିପର୍ଯ୍ୟୟ ସୁପରିଚାଳନା ଲାଗି କେନ୍ଦ୍ର ସର୍କାର୍ ଓଡ଼ିଶାକେ ଦେଲେ ୨ ଶହ ୫୫ କୋଟି ଟଙ୍କାର୍ ଅତିରିକ୍ତ ସାହାଜ୍ ।

୨- ପିଏମ୍ କିଷାନ୍ ସମ୍ମାନ୍ ନିଧି ଯୋଜ୍‌ନାଥି ୩୧ ଲାଖ୍ ୫୧ ହଜାର୍ ଆଉ ସିଏମ୍ କିଷାନ୍ ଯୋଜ୍‌ନାଥି ୪୫ ଲାଖ୍ ୫୭ ହଜାର୍ ଚାଷୀ ଉପକୃତ ।

୩- ଦେଶର୍ ନୂଆଁ ମୁଖ୍ୟ ନିର୍ବାଚନ୍ କମିଶନର୍ ଭାବେ ଦାୟିତ୍ୱ ନେଲେ ଜ୍ଞାନେଶ୍ କୁମାର୍ ।

ଆଉର୍

୪- ଶ୍ରମିକମାନ୍‌କୁ ଝାଉନୁ ରକ୍ଷା କର୍‌ବାର୍ ଲାଗି ପଦକ୍ଷେପ୍ ନେବାର୍‌କେ ପ୍ରଶାସନ୍‌କେ ଶ୍ରମ ଆଉ କର୍ମଚାରୀ ରାଜ୍ୟବୀମା ବିଭାଗର ନିର୍ଦ୍ଦେଶ୍ ।

ପ୍ରାକୃତିକ ବିପର୍ଯ୍ୟୟ-କେନ୍ଦ୍ର ସର୍କାର୍ ସାହାଜ୍ ଏନ୍ଏସ୍ଡି

କେନ୍ଦ୍ର ସରକାର ବନ୍ୟା, ବାତ୍ୟା, ଭୂସ୍ଖଲନ୍ ବାଗିର୍ ପ୍ରାକୃତିକ ବିପର୍ଯ୍ୟୟର୍ ମୁକାବିଲା ଲାଗି ଓଡ଼ିଶାକେ ୨ ଶହ ୫୫ କୋଟିନୁ ଅଏତ୍କା ଅତିରିକ୍ତ ସାହାଜ୍ ଟଙ୍କା ମଞ୍ଜୁର୍ କରିଛନ୍ । ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କର ଅଧ୍ୟକ୍ଷତାଥି ଆଏଜ୍ ନୂଆଦିଲ୍ଲୀ ନ ହେଇଥିବା ଗୁଟେ ଉଚ୍ଚସ୍ତରୀୟ ବୈଠକ୍ଥି ୫ଟା ରାଜ୍ୟକେ ଜାତୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏନ୍ଡିଆର୍ଏଫ୍) ନୁ ୧ ହଜାର ୫ ଶହ ୫୪ କୋଟି ଟଙ୍କା ସାହାଜ୍ ଅନୁମୋଦନ୍ କରାଯାଇଛେ । ଗଲା ବଛର୍ ଇ ରାଜ୍ୟମାନେ ସାମ୍ନା କରିଥିବା ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ଲାଗି କେନ୍ଦ୍ର ସରକାର ଇ ସାହାଜ୍ ମଞ୍ଜୁର କରିଛନ୍ ।

ଉପମୁଖ୍ୟମନ୍ତ୍ରୀ -ବିଧାନ୍ସଭା ଭୁବ୍ନେଶ୍ୱର୍ ସମ୍ବାଦଦାତା

୧୭ ନମ୍ବର୍ ବିଧାନ୍ସଭା ବଜେଟ୍ ଅଧିବେଶନ୍ଥି ଆଏଜ୍ ବିରୋଧୀ ମାନ୍କର୍ କିର୍ଲାରଡ଼ା ଲାଗି ଗୃହକାର୍ଯ୍ୟ ସଖାଲବେଲା ପ୍ରଭାବିତ୍ ହେଇଥିଲା । ହେଲେ ଉପର୍ବେଲା ୪ ବଜେ ଗୃହ କାର୍ଯ୍ୟ ଫେର୍ଘାଏ ମୁଲ୍ ହେଇକରି ସ୍ୱାଭାବିକ୍ ଭାବେ ଚାଲିଥିଲା ।

ଇ ସମିଆଥି ବିଧାନ୍‌ସଭା ନ ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ କହିଛନ୍, ପିଏମ୍ କିଷାନ୍ ସମ୍ମାନ୍ ନିଧି ଯୋଜ୍‌ନାଥି ଗଲା ଅକ୍ଟୋବର୍ ମାସ୍‌ତକ୍ ୩୧ ଲାଖ୍ ୫୧ ହଜାର୍ ୭ ଶହ ଝନ୍ ଚାଷୀ ଉପକୃତ ହେଇଥିବାର୍ ବେଲେ ସିଏମ୍ କିଷାନ୍ ଯୋଜ୍‌ନାଥି ୪୫ ଲାଖ୍ ୫୭ ହଜାର୍ ୭ ଶହ ୩୩ ଝନ୍ କ୍ଷୁଦ୍ର ଆର୍ ନାମମାତ୍ର ଚାଷୀ ଉପକୃତ ହେଇଛନ୍ । ଏଛେନ୍‌ତକ୍ ଇଥି ରାଜ୍ୟର୍ ୪୮ ଲାଖ୍ ୬୫ ହଜାର୍ ୮ ଶହ ୫୦ ଝନ୍ ଚାଷୀ ପଞ୍ଜିକୃତ ହେଇଛନ୍ ବଲି କହିଛନ୍ ।

ଉପମୁଖ୍ୟମନ୍ତ୍ରୀ ଆହୁରି କହିଛନ୍, ରାଏଜେ ଗଲା କିଛି ବଛର୍ ଭିତ୍‌ରେ ୭୪ ହଜାର ୮ ଶହ ୨୫ ଦଶମିକ ୬ ହେକ୍ଟର ଧାନ୍ ଫସଲ୍‌କେ ୧୯ ରକ୍‌ମର୍ ପୋକ୍ ନୁକ୍‌ସାନ୍ କରିଛନ୍ । ସେଥିର୍ ଭିତ୍‌ରୁ ୭୩ ହଜାର ୪ ଶହ ୩୧ ଦଶମିକ ୫ ହେକ୍ଟର ଜମିର୍ ଧାନ୍ ଚାଷର୍ ଉପଚାର୍ କରାଯାଇଛେ ବଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ ।

ରାସନ୍ କାର୍ଡ ହିତାଧିକାରୀ-ଇକେଓ୍ୱାଇସି ଭୁବ୍‌ନେଶ୍ୱର୍

ସମ୍ବାଦଦାତା

ରାଏଜେ ଗଲା ୧୪ ତାରିଖ ତକ୍ ୨ କୋଟି ୯୯ ଲାଖ୍ ୭୬ ହଜାର ୮ ଶହ ୫୨ ଝନ୍ ରାସନ୍ କାର୍ଡ ହିତାଧିକାରୀଙ୍କର୍

ଇକେଓ୍ୱାଇସି ଯାଂଚ କରାଯାଇଛେ ଆଉ ୩୨ ଲାଖ୍ ୫୬ ହଜାର ୪ ଶହ ୬୫ ଝନ୍‌ଙ୍କର ଯାଂଚ ନାଇ ହେଇପାରି ବଲି ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ବିଧାନ ସଭାନ ଆଏଜ୍ ଗୁଟେ ପ୍ରଶ୍ନର୍ ଲିଖିତ୍ ଉତର ରଖିକରି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍, ଯାଂଚ ବେଲେ ଏବ୍‌ତକ୍ ୩ ଲାଖ୍ ୨୮ ହଜାର ୯ ଶହ ୩୨ ଝନ୍ ମୃତ ହିତାଧିକାରୀଙ୍କର ରାସନ କାର୍ଡ ତଥ୍ୟ ସାମ୍ନାକେ ଆସିଥିଲା, ଯେନ୍‌ଟାକେ ବାଦ୍ ଦିଆଯାଇଛେ । ଯେନ୍‌ମାନେ ଇକେଓ୍ୱାଇସି ଯାଂଚ ପ୍ରକ୍ରିୟାଥି ସାମିଲ ନାଇ ହେଇ ଡିଲର୍ କେନ୍ଦ୍ର ମାନକୁ ଯାଇକରି ଜଲ୍‌ଦି ସାମିଲ ହେବାର୍‌କେ ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ ।

ଖାଦ୍ୟ ଯୋଗାଣ-ଖାଉଟି କଲ୍ୟାଣ୍ ମନ୍ତ୍ରୀ-ସୁନା ଭୁବ୍‌ନେଶ୍ୱର୍

ଗଲା ୫ ବଛ୍‌ରେ ୩୬ ଝନ୍ ସୁନା ବେପାରୀ ଉଜନ୍ ମାପ୍ ଠକେଇଥି ଧରାପଡ଼ିଛନ୍ ବଲି ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ବିଧାନ୍‌ସଭା ନ ଗୁଟେ ପ୍ରଶ୍ନର୍ ଉତର୍‌ଥି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ ଯେ, ସୁନା ମାପ୍‌ଥି ଠକ୍‌ବାର୍‌ନୁ ଦୁକାନୀମାନ୍‌କର୍‌ନୁ ୪ ଲାଖ୍ ୯୭ ହଜାର୍ ୫ ଶହ ଟଙ୍କା ଜରିମାନା ଆଦାୟ କରାଯାଇଛେ । ସେନ୍ତା ୮ ଟା ବଡ଼ ବ୍ୟବସାୟୀ ନକ୍‌ଲି

ହଲ୍‌ମାର୍କଥିି ସୁନା ବିକୁଥିବାର୍ ଅଭିଯୋଗ୍ ଆସ୍‌ବାର୍‌ନୁ ୭ ଝନ୍‌କର୍ ଲାଇସେନ୍ସ ବାତିଲ୍ ହେବାର୍ ସହେତେ ଝନ୍‌କର୍ ବିରୋଧ୍ ନ ମାମ୍‌ଲା ରୁଜୁ କରାଯାଇଛେ ବଲି ମନ୍ତ୍ରୀ ଶ୍ରୀ ପାତ୍ର ବିଧାନ୍‌ସଭା ନ କହିଛନ୍ ।

ବିଧାନ୍‌ସଭା ହସ୍ତତନ୍ତ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଏଜେ ବଛର୍‌କ ପାଖାପାଖି ୩୫ ଲାଖ୍ ନୁ ଅଏତ୍‌କା ଟଙ୍କାର୍ ହସ୍ତତନ୍ତ କପ୍‌ଡ଼ା ବିକାଯାଉଛେ । ଆଘର୍ ବଛର୍ ତୁଲ୍‌ନାଥି ଅନ୍‌ଲାଇନ୍ ଜରିଏ ବିକ୍ରି ହାର ୩୧ ଦଶ୍‌ମିକ୍ ୮/୮ ପ୍ରତିଶତ୍‌କେ ବଢ଼ିଛେ ବଲି ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ୍ ବଳସାମନ୍ତ ଆଏଜ୍ ବିଧାନ୍‌ସଭା ନ ବିଧାୟକ୍ ଧ୍ରୁବଚରଣ ସାହୁଙ୍କର୍ ଗୁଟେ ପ୍ରଶ୍ନର୍ ଲିଖିତ୍ ଉତର୍‌ଥି କହିଛନ୍ । ଅନ୍‌ଲାଇନ୍ ଜରିଏ ୨୦୨୩ -୨୪ ବଛ୍‌ରେ ପାଖାପାଖି ୨ ଶହ ୪୫ ଲାଖ୍ ଟଙ୍କାର୍ ହସ୍ତତନ୍ତ ସାମାନ୍ ବିକ୍ରି କରାଯାଇଛେ ବଲି ମନ୍ତ୍ରୀ ଶ୍ରୀ ବଳସାମନ୍ତ କହିଛନ୍ ।

ବୟନଶିଳ୍ପ ମନ୍ତ୍ରୀ ଗିରିରାଜ୍ ଆର୍‌ଏନ୍‌ୟୁ/ କଟକ୍

ଓଡ଼ିଶାକେ ଦେଶର୍ ସବୁନୁ ବଡ଼ ଟସର୍ ସିଲ୍କ ଉତ୍ପାଦନ୍‌କାରୀ ରାଜ୍ୟ ବନାବାର୍ ଲାଗି କେନ୍ଦ୍ର ସର୍‌କାର୍ ଯୋଜ୍‌ନା କରୁଛନ୍ ବଲି କେନ୍ଦ୍ର ବୟନଶିଳ୍ପ ମନ୍ତ୍ରୀ ଗିରିରାଜ୍ ସିଂ କହିଛନ୍ । ଭୁବ୍‌ନେଶ୍ୱର୍ ନ ହେଇଥିବା ସାମ୍ବାଦିକ୍ ସମ୍ମିଲନୀଥି ଶ୍ରୀ ସିଂ କହିଛନ୍ ଯେ, ଇଥିର୍‌ଲାଗି ରାଜ୍ୟର୍ ୪ ନୁ ୫ ଟା ଜିଲ୍ଲାକେ ପ୍ରୋତ୍ସାହନ୍ ଯୁଗେଇ ଦିଆଯିବା । ଆଏବା ୫ ବରସ୍ ଭିତ୍‌ରେ ରାଜ୍ୟ ସର୍‌କାର୍‌ଙ୍କର୍ ଦ୍ୱାରା ଚିହ୍ନଟ୍ ଜିଲ୍ଲାମାନ୍‌କୁ ପର୍ଯ୍ୟଟନ୍ ସାଙ୍ଗେ ଜୁଡ଼ିକରି ବୟନ ଶିଳ୍ପ ବ୍ୟବସାୟକେ ବର୍‌କସ୍ କରାଯିବା ବଲି ମନ୍ତ୍ରୀ ଶ୍ରୀ ସିଂ କହିଛନ୍ ।

## ମୁଖ୍ୟ ନିର୍ବାଚନ୍ କମିଶନର୍ ହି.ସ.

ଦେଶର ୨୬ ନମ୍ବର୍ ମୁଖ୍ୟ ନିର୍ବାଚନ୍ କମିଶନର୍ ଭାବେ ଜ୍ଞାନେଶ୍ କୁମାର୍ ଆଏଜ୍ ସଖାଲେ ଦାୟିତ୍ୱ ନେଇଛନ୍ । ଦାୟିତ୍ୱ ନେବାର୍ ଉତ୍‌ରୁ ଶ୍ରୀ କୁମାର୍ କହିଛନ୍, ରାଷ୍ଟ୍ର ନିର୍ମାଣ୍ ଲାଗି ପହେଲା ପଦକ୍ଷେପ୍ ହେଉଛେ ମତଦାନ୍ । ୧୮ ବଛର୍‌ନୁ ଉପର୍‌କେ ଭାରତ୍‌ର ସବୁ ନାଗରିକ୍ ମତଦାତା ହେବାର୍ ସହେତେ ମତଦାନ୍ କର୍‌ବାର୍ ଜରୁରୀ ଆଏ । ୨୦୨୯ ଜାନୁଆରୀ ୨୬ ତାରିଖ୍‌ତକ୍ ଶ୍ରୀ କୁମାର୍ ଦାୟିତ୍ୱଥି ରହେବେ । ଇତାର୍ ଆଘୋନୁ ସେ ନିର୍ବାଚନ୍ ଆୟୁକ୍ତ ଭାବେ

କାମ୍ କରୁଥିଲେ । ମୁଖ୍ୟ ନିର୍ବାଚନ୍ କମିଶନର୍ ରାଜୀବ୍ କୁମାର୍‌ଙ୍କର୍ କାର୍ଯ୍ୟକାଳ ଗଲାକାଏଲ୍ ଶେଷ୍ ହେଇଛେ ।

ଉପମୁଖ୍ୟମନ୍ତ୍ରୀ ଗସ୍ତ I&PR

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଏଜ୍‌ଠାନୁ ହରିଆଣା ଆର୍ ଦିଲ୍ଲୀ ଗସ୍ତଥି ଯାଇଛନ୍ । ଗସ୍ତ ସମିଆଥି ହରିଆଣା ନ ୩୮ ନମ୍ବର୍ ସୂରଜକୁଣ୍ଡ ଆନ୍ତର୍ଜାତୀୟ କ୍ରାଫ୍ଟ ମେଳା ୨୦୨୫ ଥି ସେ ଯୋଗ୍ ଦେବେ । ଇତାର୍‌ସହେତେ ଓଡ଼ିଶାର୍ ଐତିହ୍ୟ ଆର୍ ପରମ୍ପରାକେ ନେଇକରି ହେଇଥିବା ଇ ମେଳାର ଖାସ୍ ଆକର୍ଷଣ୍ ଓଡ଼ିଶା ଥିମ୍ ପାଭିଲିଅନ୍‌କେ ଭିଲ୍ ଶ୍ରୀମତୀ ପରିଡ଼ା ପରିଦର୍ଶନ୍ କର୍‌ବେ । ବେଲ୍‌ବୁଡ଼େ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ ଯୋଗ୍ ଦେବେ ।

ଯୁକ୍ତ ଦୁଇ ପରୀକ୍ଷା ଆର୍‌ଏନ୍‌ୟୁ/ ସମ୍ବଲପୁର

ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ୍ ପରିଚାଳିତ୍ ଯୁକ୍ତ ଦୁଇ କଳା ଆଉ ବାଣିଜ୍ୟ ଥିଓରି ପରୀକ୍ଷା ଆଏଜ୍‌ଠାନୁ ମୁଲ୍ ହେଇଛେ । ୧ ହଜାର୍ ୨ ଶହ ୭୬ ଟା କେନ୍ଦ୍ର ନ ୨ ଲାଖ୍ ୧୫ ହଜାର୍ ଛାତ୍ରଛାତ୍ରୀ ଆଏଜ୍ ମାତୃଭାଷା ପରୀକ୍ଷା ଦେଇଛନ୍ ।

ନାଁଲେଖା ଆର୍‌ଏନ୍‌ୟୁ/ କଟକ୍

ଇନ୍ଦିରାଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ ଜାନୁଆରୀ ୨୦୨୫ ସେସନ୍ ଲାଗି ନାଁଲେଖା ସମିଆ ଆଏବା ୨୮ ତାରିଖ୍‌ତକ୍ ବଢ଼ିଛେ । ଛାତ୍ରଛାତ୍ରୀମାନେ ignou admission.samarth.edu.in ଥି ଆବେଦନ୍ କରିପାର୍‌ବେ ବଲି ବିଶ୍ୱବିଦ୍ୟାଳୟ ତର୍‌ଫୁ କୁହାଯାଇଛେ ।

ଶ୍ରମ ଆଉ କର୍ମଚାରୀ ରାଜ୍ୟବୀମା ବିଭାଗ-ଶ୍ରମିକ I&PR

ଖରା ଆର୍ ଝାଉ ନୁ ଶ୍ରମିକ୍‌ମାନ୍‌କୁ ରକ୍ଷା କର୍‌ବାର୍ ଦିଗେ ପଦକ୍ଷେପ୍ ନେବାର୍‌କେ ଶ୍ରମ ଆଉ କର୍ମଚାରୀ ରାଜ୍ୟବୀମା ବିଭାଗ୍ ତର୍‌ଫୁ ଆଏଜ୍ ରାଜ୍ୟର୍ ସବୁ ରାଜସ୍ୱ କମିଶନର୍, ଜିଲ୍ଲାପାଲ୍ ଆର୍ ଶ୍ରମ କମିଶନର୍‌ଙ୍କୁ ନିର୍ଦ୍ଦେଶ୍‌ନାମା ଜାରି କରାଯାଇଛେ । ଶ୍ରମିକ୍‌ମାନ୍‌କୁ ଏପ୍ରିଲ୍ ୧ ତାରିଖ୍‌ନୁ ଜୁନ୍ ୧୫ ତାରିଖ୍‌ତକ୍ ଦିନର୍ ୧୧ ବଜେନୁ ମଏଧାନର୍ ୩ ବଜେ ଭିତ୍‌ରେ କାମ୍ ଥି ନାଇଁ ଲଗାବାର୍‌କେ ସବୁ ସର୍‌କାରୀ, ବେସର୍‌କାରୀ ନିଯୁକ୍ତିଦାତା, ସବୁ ବାଣିଜ୍ୟ ଆଉ ଶିଳ୍ପସଂସ୍ଥା, ବ୍ୟବସାୟିକ ପ୍ରତିଷ୍ଠାନ୍ ଆର୍ ଠିକାଦାର୍‌ମାନ୍‌କୁ

ନିର୍ଦ୍ଦେଶ୍ ଦିଆଯାଇଛେ । ଦରକାର୍ ପଡ଼୍ଲେ କାମ୍ ସମିଆକେ ବଦ୍ଲେଇପାର୍‌ବେ । ସେନ୍ତା ଜରୁରୀ କାମ୍ ଥିଲେ ଆବଶ୍ୟକ୍ ସୁରକ୍ଷା ପଦକ୍ଷେପ୍ ସହେତେ ଶ୍ରମିକ୍‌ମାନ୍‌କୁ କାମ୍ କରେଇପାର୍‌ବେ ବଲି ନିର୍ଦ୍ଦେଶ୍‌ନାମାଥି କୁହାଯାଇଛେ ।

ରାଜ୍ୟସ୍ତରୀୟ ଉଲ୍ଲାସ୍ କନ୍‌କ୍ଲେଭ        ବୌଦ୍ଧ ସମ୍ବାଦଦାତା

ରାଜ୍ୟସ୍ତରୀୟ ଉଲ୍ଲାସ୍ କନ୍‌କ୍ଲେଭ୍‌ଥି ବୌଦ୍ଧ ଜିଲ୍ଲା ନୁ ୨ ଶହ ୮୦ ଝନ୍ ଭାଗ୍ ନେବେ । ସେମାନ୍‌କର୍ ଯିବାର୍ ଲାଗି ୭ ଟା ବସ୍‌ର ବ୍ୟବସ୍ଥା କରାଯାଇଛେ । ଇ ବାବ୍‌ଦେ ବୌଦ୍ଧ ଜିଲ୍ଲାପାଲ୍‌ଙ୍କର୍ ସମ୍ମିଲନୀ କକ୍ଷ ନ ଗୁଟେ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ୍ ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡାଙ୍କର୍ ଅଧ୍ୟକ୍ଷତାଥି ହେଇଯାଇଛେ ।

ପୁଲିସ୍ ଅଧିକାରୀ- ତାଲିମ୍ ଶିବିର        ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ବ୍ଲକ୍ ନ ଥିବା ଓସ୍ୱାନ୍ ଭିଡ଼ିଓ ସମ୍ମିଲନୀ କକ୍ଷ ନ ସଡ଼କ୍ ଦୁର୍ଘଟଣାର୍ ତଦନ୍ତ୍‌କେ ନେଇକରି ପୁଲିସ୍ ଅଧିକାରୀମାନ୍‌କର୍ ତାଲିମ୍ ଶିବିର୍ ହେଇଯାଇଛେ ।

ଖଡ଼ିଆଲ୍ ଉପଖଣ୍ଡସ୍ତରୀୟ ଇ ବୈଠକ୍‌ଥି ୩ ଟା ଥାନା ଅଧିକାରୀ ଆଉ ପୁଲିସ୍ କର୍ମଚାରୀମାନେ ଯୋଗ୍ ଦେଇଥିଲେ । ଦୁର୍ଘଟଣା ବାବ୍‌ଦେ ଜାନ୍‌ବାର୍ ବିଷେ ଆଉ ଦୁର୍ଘଟଣାର୍ ତଦନ୍ତ୍ ବେଲେ ପାରିପାର୍ଶ୍ୱିକ ଅବସ୍ଥାକେ ଠିକ୍ ହିସାବେ ଛାନ୍‌ଭିନ୍ କର୍‌ବାର୍ ସହେତେ ଅତ୍ୟାଧୁନିକ୍ ପ୍ରଣାଲୀର୍ ବେଭାର୍ ଉପ୍‌ରେ ଶିବିରଥି ଜୋର୍ ଦିଆଯାଇଥିଲା ।

ସର୍‌କାରୀ କର୍ମଚାରୀ-କର୍ମଶାଳା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ବ୍ଲକ୍ ସମ୍ମିଳନୀ କକ୍ଷ ନ ସର୍‌କାରୀ କର୍ମଚାରୀମାନ୍‌କର୍ ଲୋକ୍‌ମାନ୍‌କୁ ସେବା ପ୍ରଦାନ୍ ଦିଗେ ନିଜର୍ କର୍ତବ୍ୟ ପାଲନ୍‌କେ ନେଇକରି ଦିନ୍‌କିଆ କର୍ମଶାଲା ହେଇଯାଇଛେ । ଇଥି ବିଭାଗୀୟ ଅଧିକାରୀ ଆଉ କର୍ମଚାରୀମାନେ ଯୋଗ୍ ଦେଇଥିଲେ । ଲୋକ୍‌ମାନ୍‌କୁ ସେବା ପ୍ରଦାନ୍ ଦିଗେ ସର୍‌କାର୍‌ଙ୍କର୍ ମାର୍ଗଦର୍ଶିକା ହିସାବେ କାମ୍ କର୍‌ବାର୍ ସହେତେ ଠିକ୍ ସମିଆଥି ନିଜର୍ କାମ୍ ପୁରା କର୍‌ବାର୍‌କେ ଆହ୍ୱାନ୍ ଦିଆଯାଇଛେ ।

ଯଶୋଦା ଯୋଜ୍‌ନା ବୌଦ୍ଧ ସମ୍ବାଦଦାତା

ମହିଲା ଆର୍ ଶିଶୁ ବିକାଶ ବିଭାଗର୍ ଯଶୋଦା ଯୋଜ୍ନାଥି ବୌଦ୍ଧ ଜିଲ୍ଲାର୍ ୧୪ ଝନ୍ ଛେଉଁଡ଼୍ ଆର୍ ଗରିବ୍ ଛାତ୍ରଛାତ୍ରୀଙ୍କୁ ଉଚ୍ଚ ଶିକ୍ଷା କାର୍ଯ୍ୟକ୍ରମ୍ଥି ସାମିଲ୍ କରାଯାଇଛେ । ସେମାନ୍କୁ ଆଇଟିଆଇ, ପଲିଟେକ୍ନିକ୍, ନର୍ସିଂ ପାଠପଢ଼ା ଲାଗି ବଛରକ ୩୦ ହଜାର ଟଙ୍କା ଲେଖା ସାହାଜ୍ ମଞ୍ଜୁର କରାଯାଇଛେ ବଲି ଜିଲ୍ଲାପାଲଙ୍କର ସମ୍ମିଲନୀ କକ୍ଷଠାନେ ହେଇଥିବା ବୈଠକ୍ଥି ସୂଚ୍ନା ଦିଆଯାଇଛେ ।

ପାରା ଆଥ୍ଲେଟିକ୍ ଚମ୍ପିଅନ୍ସିପ ଆର୍ଏନ୍ୟୁ/ସମ୍ବଲପୁର

ତାମିଲ୍ନାଡୁର୍ ଚେନ୍ନାଇଠାନେ ଚାଲିଥିବା ୨୩ ନମ୍ବର୍ ପାରା ଆଥ୍ଲେଟିକ୍ ଚମ୍ପିଅନ୍ସିପ୍ଥି ଓଡ଼ିଶାକେ ଆଏଜ୍ ପହେଲାକରି ଗୁଟେ ସ୍ୱର୍ଣ୍ଣପଦକ୍ ମିଲିଛେ । ଟି-୪୭ ଶହେ ମିଟର୍ ମହିଲା ବର୍ଗ ଦୌଡ଼ଥି ଜୟନ୍ତୀ ବେହେରା ରାଜ୍ୟର୍ ଲାଗି ଇ ପଦକ୍ ହାସଲ୍ କରିଛନ୍ । ଗଲାକାଏଲ୍ ଜାନକୀ ଓରାମ୍ ଟି-ଟୁଏଲ୍ଭ ଶହେ ମିଟର୍ ଦୌଡ଼ଥି ରାଜ୍ୟର୍ ଲାଗି ପହେଲା କାଂସ୍ୟ ପଦକ୍ ଜିତିଥିଲେ । ଇତାର୍ସହେତେ ଓଡ଼ିଶାର୍ ପଦକ୍ ସଂଖ୍ୟା ୨ କେ ପହୁଁଚିଛେ ।

ଏଫ୍‌ଆଇଏଚ୍ ପ୍ରୋ ଲିଗ୍       ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବନେଶ୍ୱର୍ କଳିଙ୍ଗ ହକି ଷ୍ଟାଡ଼ିୟମ୍ ଠାନେ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ଥି ଇଛେନ୍ ସରିଥିବା ପୁରୁଷ ବର୍ଗର୍ ମେଚ୍‌ଥି ଭାରତ୍ - ଜର୍ମାନୀକେ ୧-ଶୂନ୍ ଗୋଲ୍‌ଥି ହରେଇଛେ ।

ତାର୍ ଆଘୋନୁ ପୁରୁଷ ବର୍ଗଥି ହେଇଥିବା ମେଚ୍‌ଥି ସ୍ପେନ୍-୪-୧ ଗୋଲ୍‌ଥି ଇଂଲଣ୍ଡକେ ହରେଇଛେ । ଆଉ କିଛି ସମିଆ ଉତ୍‌ରୁ ୩ ନମ୍ବର୍ ମେଚ୍ ମହିଳା ବର୍ଗଥି ଭାରତ୍ ଆଉ ସ୍ପେନ୍ ଭିତ୍‌ରେ ଖେଲାଯିବା ।

ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍       ଆର୍‌ଏନ୍‌ୟୁ/ ସମ୍ବଲ୍‌ପୁର୍

ସମ୍ବଲ୍‌ପୁର୍ ବୀର ସୁରେନ୍ଦ୍ର ସାଏ ଷ୍ଟାଡ଼ିୟମ୍ ଠାନେ ୨ ନମ୍ବର୍ ଅନ୍ତଃଜିଲ୍ଲା ପଶ୍ଚିମ ଓଡ଼ିଶା ବିଜୟ ବାହାଦୁର୍ ସିଂ ଆର୍ ଭୀମ୍‌ସେନ୍ ଛତର୍ ସ୍ମାରକୀ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍ -୨୦୨୫ ଥି ଆଏଜ୍ ୫ ନମ୍ବର୍ ଦିନେ କୋରାପୁଟ୍ ଦଲ୍ ଜିତିଛେ । ଆଝିର୍ ମେଚ୍‌ଥି କୋରାପୁଟ୍ ଦଲ୍ ସୁବର୍ଣ୍ଣପୁର୍‌କେ ୨-ଶୂନ୍ ଗୋଲ୍‌ଥି ହରେଇଛେ ।

ଆଏବା କାଏଲ୍ ସୁନ୍ଦର୍‌ଗଡ଼୍ ଆର୍ କୋରାପୁଟ୍ ଜିଲ୍ଲା ଭିତ୍‌ରେ ମେଚ ହେବା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ସମୁଦ୍ରଖଁଡ଼ି ଆର୍ କେତେଟା ଭିତ୍‌ରିଆ ଜିଲ୍ଲାମାନ୍‌କେ ଆଏଜ୍‌ଠାନୁ ଘଡ଼୍‌ଘଡ଼ି ସାଙ୍ଗେ ବର୍ଷା ହେଇଛେ । ଆଏବା କାଏଲ୍‌ଠାନୁ ସମ୍ବଲ୍‌ପୁର୍, ଝାର୍‌ସୁଗୁଡ଼ା, ଦେବ୍‌ଗଡ଼୍, ସୁନ୍ଦର୍‌ଗଡ଼୍ ସହେତେ ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜାଗା ନ ଭିଲ୍ ବର୍ଷା ହେଇପାରେ । ଆଏବା ୫ ଦିନ୍‌ତକ୍ ପାଗ୍ ଏନ୍ତା ରହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଇ ସମିଆଥି ନିଜକେ ସୁରକ୍ଷିତ୍ ରଖିବାର୍ ସହେତେ ସମ୍ଭାବ୍ୟ ଦୁର୍ଘଟଣାନୁ ବଁଚ୍‌ବାର୍ ଲାଗି ସହରୀ ଇଲାକାମାନ୍‌କେ ଟ୍ରାଫିକ୍ ନିୟମ୍ ପାଲନ୍ କର୍‌ବାର୍ ଲାଗି ବିଭାଗ୍ ତର୍‌ଫୁ ପରାମର୍ଶ ଦିଆଯାଇଛେ ।